# MICROFINANCE INSTITUTIONS NETWORK

## Media Coverage Report

## Virtual State Tour

## Region: Odisha

Ketchum Sampark
empathy + intelligence

## Media Coverage Index

| S. No. | Date | Publication Name | Edition |
|---|---|---|---|
| **ODISHA** | | | |
| **1.** | 18.02.2022 | Prameya | Odisha |
| **2.** | 18.02.2022 | Dharitri | Odisha |
| **3.** | 22.02.2022 | Sambad | Odisha |
| **4.** | 22.02.2022 | Sakala | Odisha |

# ODISHA

| | |
|---|---|
| **Publication** | Prameya |
| **Edition** | Odisha |
| **Date** | Feb 18, 2022 |
| **Page No.** | 06 |
| **Headline** | Microfinance institutions has given 14,880cr loan |

# ମାଇକ୍ରୋଫାଇନାନ୍ସ ସଂସ୍ଥା ଦେଇଛନ୍ତି ୧୪,୮୮୦ କୋଟିର ଋଣ



ଭୁବନେଶ୍ୱର,୧୭।୨(ବ୍ୟୁରୋ): ଓଡ଼ିଶାରେ ମାଇକ୍ରୋ ଫାଇନାନ୍ସ ପ୍ରତିଷ୍ଠାନଗୁଡିକ ୧୪,୮୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ପ୍ରଦାନ କରିଛନ୍ତି। ରାଜ୍ୟର ସମସ୍ତ ଜିଲାରେ ଏହି ସଂସ୍ଥାଗୁଡ଼ିକ ନିଜର ସେବା ଯୋଗାଇ ଦେଉଛନ୍ତି। ମୋଟ ୬୮ ସଂସ୍ଥା ସେବା ଜାରି ରଖିଥିବା ବେଳେ ସେମାନଙ୍କ ନିକଟରେ ୩୬ ଲକ୍ଷ ଗ୍ରାହକ ରହିଥିବା ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ୍ସ ନେଟୱର୍କ ପକ୍ଷରୁ ସୂଚନା ମିଳିଛି।

ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏମ୍‌ଏଫ୍‌ଆଇଏନ୍‌ର ଷ୍ଟେଟ ଇନିସିଏଟିଭ ଜାତୀୟ ମୁଖ୍ୟ ଅଚଲା ସବ୍ୟସାଚୀ କହିଛନ୍ତି ଯେ, ମାଇକ୍ରୋଫାଇନାନ୍ସ ପ୍ରତିଷ୍ଠାନଗୁଡିକ ଓଡ଼ିଶାରେ ୩୮ ଲକ୍ଷ ମହିଳା ଏବଂ ନିମ୍ନ ଆୟକାରୀ ପରିବାରଗୁଡିକୁ ବନ୍ଧକମୁକ୍ତ କ୍ଷୁଦ୍ର ଋଣ ସୁବିଧା ଯୋଗାଇ ଦେଇଛନ୍ତି। ଏଭଳି ଋଣ ଲାଭ କରି ମହିଳାମାନେ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ସକ୍ଷମ ହେଉଛନ୍ତି। ଗୋପାଳନ, ବିନିର୍ମାଣ, ବ୍ୟବସାୟ, ପରିବାରର ମେଡିକାଲ ଖର୍ଚ୍ଚ ଭରଣା, ଶିକ୍ଷା ଏବଂ ଉନ୍ନତିମୂଳକ କାର୍ଯ୍ୟରେ ମଧ୍ୟ ଏହା ଦ୍ୱାରା ମହିଳାମାନେ ଯୋଗଦାନ ରଖି ପାରୁଛନ୍ତି।

ସେ ପୁଣି କହିଛନ୍ତି ଯେ, ଗ୍ରାହକଙ୍କ ଅସୁବିଧା ସମୟରେ ମଧ୍ୟ ଏହି ସଂସ୍ଥାଗୁଡିକ ଘର ପାଖରେ ସେବା ଉପଲବ୍ଧ କରାଉଛନ୍ତି। ମହାମାରୀ ସମୟରେ ମହିଳାଙ୍କୁ ସୁବିଧା ଯୋଗାଣ ଦ୍ୱାରା ସେମାନଙ୍କ ଜୀବନ ତଥା ଜୀବିକା କ୍ଷେତ୍ରରେ ସଂସ୍ଥାଗୁଡିକ ସକାରାତ୍ମକ ପ୍ରଭାବ ପକାଇଛନ୍ତି।

ଏମ୍‌ଏଫ୍‌ଆଇଏନ୍‌ର ବୋର୍ଡ ସଦସ୍ୟ ତଥା ଅନ୍ନପୂର୍ଣ୍ଣା ଫାଇନାନ୍ସ ଲିମିଟେଡର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି ଯେ, ନିମ୍ନ ଆୟକାରୀ ବର୍ଗ ପରିବାରଗୁଡିକର ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଦିଗରେ ମାଇକ୍ରୋଫାଇନାନ୍ସ ନିରନ୍ତର ଉଦ୍ୟମ ଜାରି ରଖିଛି। ଘର ଦ୍ୱାରଦେଶରେ ଋଣ ସୁବିଧା ଉପଲବ୍ଧ ହେଉଥିବାରୁ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାରେ ସକ୍ଷମ ହେଉଛି। ମାଇକ୍ରୋ ପ୍ରତିଷ୍ଠାନ ସଂସ୍ଥାଗୁଡିକ ମହିଳାଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ ସମ୍ପର୍କିତ ସଚେତନତା, ଉନ୍ନତ କ୍ରେଡିଟ ରେକର୍ଡ ଏବଂ ଡିଜିଟାଲ ସାକ୍ଷରତା ବୃଦ୍ଧି ଦିଗରେ କାର୍ଯ୍ୟ କରୁଛନ୍ତି।

ଏମ୍‌ଏଫ୍‌ଆଇଏନ୍ ରିପୋର୍ଟ ମୁତାବକ, ମାଇକ୍ରୋଫାଇନାନ୍ସ ଅନୁଷ୍ଠାନଗୁଡିକ ଦେଶର ୬୩୫ ଜିଲାରେ ସେବା ଯୋଗାଉଛନ୍ତି। ଏହା ଦ୍ୱାରା ୫.୬୫ କୋଟି ମହିଳା ଲାଭବାନ ହୋଇପାରିଛନ୍ତି। ଅଦ୍ୟାବଧି ପ୍ରାୟ ୩୦୦ ନିୟୁତ ପରିବାର ଏହାର ଲାଭ ଉଠାଇପାରିଛନ୍ତି। ପ୍ରକାଶଯୋଗ୍ୟ, ମାଇକ୍ରୋ ଫାଇନାନ୍ସ ପ୍ରତିଷ୍ଠାନଗୁଡିକ ଆର୍‌ବିଆଇ ଦ୍ୱାରା ନିୟନ୍ତ୍ରିତ।

| Publication | Dharitri |
|---|---|
| Edition | Odisha |
| Date | Feb 18, 2022 |
| Page No. | 12 |
| Headline | 38 lakh women get collateral free loans |

# ୩୮ ଲକ୍ଷ ମହିଳାଙ୍କୁ ମିଳିଛି ବନ୍ଧକମୁକ୍ତ ଋଣ

ଭୁବନେଶ୍ୱର, ୧୭।୨

ମାଇକ୍ରୋଫାଇନାନ୍ସ ଭାରତରେ ବାଦ୍ ପଡ଼ିଥିବା ଏବଂ ସେବା ପାଇବାରୁ ବଞ୍ଚିତ ଜନସଂଖ୍ୟାଙ୍କୁ ବନ୍ଧକମୁକ୍ତ ଋଣ ଯୋଗାଇଦେଇ ଆର୍ଥିକ ଅନ୍ତର୍ଭୁକ୍ତିକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୦୨୧ ସେପ୍ଟେମ୍ବର ୩୦ ସୁଦ୍ଧା ଓଡ଼ିଶାରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ମୋଟ ୧୪,୮୭୦ କୋଟି ଟଙ୍କା ଋଣ ଆକାରରେ ଯୋଗାଇ ଦେଇଥିବା ଏମ୍ଏଫ୍ଆଇଏନ୍ ବୋର୍ଡ ସଦସ୍ୟ ତଥା ଅନ୍ନପୂର୍ଣ୍ଣା ମାଇକ୍ରୋଫାଇନାନ୍ସ ଲିମିଟେଡ୍‌ର ଡାଇରେକ୍ଟର ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି। ବୁଧବାର ଏକ ଆଭାସୀ ସାମ୍ବାଦିକ ସମ୍ମିଳନୀ ଜରିଆରେ ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ୩୮ ଲକ୍ଷ ମହିଳାଙ୍କୁ ବନ୍ଧକମୁକ୍ତ ଋଣ ଯୋଗାଇ ଦେଇଛନ୍ତି।

| | |
|---|---|
| **Publication** | Sambad |
| **Edition** | Odisha |
| **Date** | Feb 21, 2022 |
| **Page No.** | 14 |
| **Headline** | Insurance to reduce EMI concern of Microfinance customers |

# ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କ ଇଏମ୍ଆଇ ଚିନ୍ତା ଦୂର କରିବ ବୀମା

ଭୁବନେଶ୍ୱର, ୨୦/୨(ଇମିସ): ଓଡ଼ିଶାରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହୁଥିବା ବେଳେ ଏହାର ପ୍ରଭାବରୁ ମାଇକ୍ରୋଫାଇନାନ୍ସ ଗ୍ରାହକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଲାଗି ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୀମା ଆରମ୍ଭ କରାଯାଇଛି। ତାହା ହେଉଛି ନ୍ୟାଟ୍ କ୍ୟାଟ୍ ବୀମା। ବର୍ତ୍ତମାନ ରାଜ୍ୟର ତିନିଟି ଜିଲ୍ଲା କଟକ, ଯାଜପୁର ଓ ମୟୂରଭଞ୍ଜର ୫୦୦୦ ଗ୍ରାହକଙ୍କୁ ନେଇ ଏହାର ପରୀକ୍ଷଣ ଚାଲିଛି। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାହକମାନଙ୍କ ଦୁଇଟି ଇଏମ୍ଆଇ ପାଇଁ ବୀମା ରାଶି ମିଳିବ। ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ୍ସ ନେଟ୍ୱର୍କ (ଏମ୍ଏଫ୍ଆଇଏନ୍) ପକ୍ଷରୁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ଓ ରୟାଲ ସୁନ୍ଦରମ୍‌ର ମିଳିତ ସହଯୋଗରେ ଏହି ବୀମା ସୁରକ୍ଷାର ପରୀକ୍ଷଣ କରାଯାଉଛି। ପରୀକ୍ଷଣ ସଫଳ ହେଲେ ସବୁ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ଏମ୍ଏଫ୍ଆଇଏନ୍ ବୋର୍ଡର ସଦସ୍ୟ ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ ବିହାର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କୁ ବୀମା ସୁବିଧା ପ୍ରଦାନ କରିବାର ଯୋଜନା ରହିଛି।

**ପ୍ରାକୃତିକ ବିପର୍ଯ୍ୟୟ ବେଳେ ୨ଟି ଇଏମ୍ଆଇର ଟଙ୍କା ମିଳିବ**

ଏମ୍ଏଫ୍ଆଇଏନ୍‌ର ଜାତୀୟ ମୁଖ୍ୟ (ଷ୍ଟେଟ୍ ଇନିସିଏଟିଭ୍ସ) ଅଚ୍ଲା ସବ୍ୟସାଚୀ ଓଡ଼ିଶାର ମାଇକ୍ରୋଫାଇନାନ୍ସ ବଜାର ଉପରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ ୨୦୧୭ ମାର୍ଚ୍ଚ ସୁଦ୍ଧା ବଜାର ପରିମାଣ ୪୫୦୦ କୋଟି ଟଙ୍କା ସ୍ତରରେ ରହିଥିଲା। ୨୦୨୧ ସେପ୍ଟେମ୍ବର ସୁଦ୍ଧା ତାହା ୧୪,୮୭୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏବେ ରାଜ୍ୟର ମାଇକ୍ରୋଫାଇନାନ୍ସ ଶିଳ୍ପରେ ୨୩,୫୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ୬୮ଟି ମାଇକ୍ରୋଫାଇନାନ୍ସ ସଂସ୍ଥା ଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫ଟି ହେଉଛି ଏନ୍‌ବିଏଫ୍‌ସି-ଏମ୍ଏଫ୍ଆଇ। ସେମାନେ ୩୮ ଲକ୍ଷରୁ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ୨୭୦୦ରୁ ଅଧିକ ଶାଖା ଜରିଆରେ ପୂରଣ କରୁଛନ୍ତି ବୋଲି ସେ କହିଛନ୍ତି।

Ketchum Sampark
empathy + intelligence

| | |
|---|---|
| **Publication** | Sakala |
| **Edition** | Odisha |
| **Date** | Feb 22, 2022 |
| **Page No.** | 09 |
| **Headline** | Rural women entrepreneurs are becoming self-independent |

# ସ୍ୱାବଲମ୍ବୀ ହେଉଛନ୍ତି ଗ୍ରାମୀଣ ମହିଳା ଉଦ୍ୟୋଗୀ

**ଭୁବନେଶ୍ୱର,୨୧।୨(ସମିସ):** ନିମ୍ନ ଆୟକାରୀ ପରିବାରଗୁଡ଼ିକୁ ସେମାନଙ୍କ ଦ୍ୱାରଦେଶରେ ଋଣ ସୁବିଧା ଉପଲବ୍ଧ ହେଉଛି। ଏହାଦ୍ୱାରା ଗ୍ରାମୀଣ ମହିଳା ଉଦ୍ୟୋଗୀମାନେ ଅଧିକରୁ ଅଧିକ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି। ମହାଜନଠାରୁ ଅର୍ଥ ହାତ ଉଧାର ନ ଆଣି ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସର ଜୀବନ ଯିଉଁଥିବା ଏହି ମହିଳା ଉଦ୍ୟୋଗୀମାନେ ମାଇକ୍ରୋଫାଇନାନ୍ସରୁ ଆଣିଛନ୍ତି ଋଣ। ବିଭିନ୍ନ ସେବା ପାଇବାରୁ ବଞ୍ଚିତ ଏହି ବର୍ଗର ୩୮ ଲକ୍ଷ ମହିଳା ବନ୍ଧକମୁକ୍ତ ଋଣ ପାଇ ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଗ୍ରହଣ କରିଛନ୍ତି। ରାଜ୍ୟର ୩୦ ଜିଲାରେ ସମ୍ପ୍ରତି ୬୮ ମାଇକ୍ରୋଫାଇନାନ୍ସ ସଂସ୍ଥା ୨୦୨୧-୨୨ ଆର୍ଥିକବର୍ଷର ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସ ମଧ୍ୟରେ ମୋଟ ୧୪,୮୭୦ କୋଟି ଟଙ୍କାର ଋଣ ଯୋଗାଇ ଦେଇଛନ୍ତି। ଓଡ଼ିଶାରେ ମାଇକ୍ରୋଫାଇନାନ୍ସ ଋଣ ଗ୍ରହୀତାଙ୍କ ଋଣ ପରିଶୋଧ ହାର ପାଖାପାଖି ୯୭ ପ୍ରତିଶତ ରହିଥିବା ଷ୍ଟେଟ ଇନିସିଏଟିଭ ଆଟ୍ ଏମଏଫଆଇଏନ (ମାଇକ୍ରୋଫାଇନାନ୍ସ ଏବଂ ଆରବିଆଇ ସ୍ୱୀକୃତିପ୍ରାପ୍ତ ଆତ୍ମନିୟନ୍ତ୍ରିତ ସଂଗଠନଗୁଡ଼ିକର ଏହି ଶିଳ୍ପରେ ଥିବା ସଂଘ)ର ରାଷ୍ଟ୍ରୀୟ ମୁଖ୍ୟ ଅଚଲା ସବ୍ୟସାଚୀ କହିଛନ୍ତି।